# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 October – 2025

*********************************

## ମୁଖ୍ୟ ସମ୍ବାଦ

- ଇ-କେଓ୍ୱାଇସି ଦାଖଲ କରି ନଥିଲେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଆସନ୍ତାମାସରୁ ହିତାଧିକାରୀମାନଙ୍କୁ  ମିଳିବ ନାହିଁ ଚାଉଳ
- ସୁରକ୍ଷିତ ଦର୍ଶନ ଏବଂ ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ ନେଇ ସୁରକ୍ଷା କମିଟି ମୁଖ୍ୟ ଗିରିଶ ମୁର୍ମୁଙ୍କ ଅଧକ୍ଷତାରେ ପୁରୀରେ ବୈଠକ

— ଆସନ୍ତାକାଲି କାର୍ତ୍ତିକ କୃଷ୍ଣ ନବମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ହେବ ବନକଲାଗି ନୀତି

ଏବଂ

- ବୈଦ୍ୟୁତିକ ବର୍ଜ୍ୟବସ୍ତୁ ହ୍ରାସ ଏବଂ ଏହାର ପୁନଃବ୍ୟବହାର  ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଇ-ଆବର୍ଜନା ଦିବସ

## ରାସନକାର୍ଡ

ରାସନକାର୍ଡ ପାଇଁ ଇ-କେୱାଇସି କରି ନଥିଲେ ଆସନ୍ତାମାସରୁ ସାଧାରଣ ବର୍ଣ୍ଟନ ବ୍ୟବସ୍ଥାରେ ଚାଉଳ ମିଳିବ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରାଜ୍ୟରେ ବର୍ତ୍ତମାନ ୧୫ ଲକ୍ଷ ୬୭ ହଜାର ହିତାଧିକାରୀ ଇ-କେୱାଇସି ନ କରି ମଧ୍ୟ ଚାଉଳ ପାଉଛନ୍ତି। ଆଗାମୀ ଦିନରେ ସେ ସମସ୍ତ ହିତାଧିକାରୀଙ୍କୁ ଏଥିରୁ ବାଦ୍ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ସବ୍‌କମିଟି ବୈଠକ

ପୁରୀ ଶ୍ରୀମନ୍ଦିରର ସୁରକ୍ଷା ସବ୍‌କମିଟି ବୈଠକ ନିଳାଦ୍ରୀ ଭକ୍ତନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା କମିଟି ମୁଖ୍ୟ ଗିରିଶ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୁରକ୍ଷିତ ଦର୍ଶନ ଓ ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିରକୁ ମୋବାଇଲ ଫୋନ୍ ସମ୍ପୂର୍ଣ୍ଣ ବାରଣ କରାଯିବ। କୌଣସି ପୁଲିସ୍ କିମ୍ବା ସେବାୟତ ମନ୍ଦିର ମଧ୍ୟକୁ ଫୋନ୍ ନେଇପାରିବେ ନାହିଁ। ପରବର୍ତ୍ତୀ ସମୟରେ ୱାକିଟକି ବ୍ୟବସ୍ଥା ହେବ ବୋଲି ଶ୍ରୀ ମୁର୍ମୁ କହିଛନ୍ତି।

**- V/O -**

ବୈଠକରେ ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ସହ ଶ୍ରୀମନ୍ଦିର ବରିଷ୍ଠ ସେବକମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ-ନୂଆପଡା ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଗୁରୁବାର ଦିନ ନୂଆପଡ଼ା ଗସ୍ତରେ ଯିବେ। ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉପସ୍ଥିତ ରହିବେ ବୋଲି ରାଜ୍ୟସଭା ସାଂସଦ ସୁଜିତ୍ କୁମାର କହିଛନ୍ତି।

ନୂଆପଡ଼ା ଉପନିର୍ବାଚନ ପାଇଁ ତିନୋଟି ଯାକ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରାର୍ଥୀ ମନୋନୟନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବିଜେପି କଂଗ୍ରେସ ଏବଂ ବିଜେଡି ପକ୍ଷରୁ ଏଥିପାଇଁ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ତେବେ ଦଳଗୁଡ଼ିକ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣାକୁ ଅପେକ୍ଷା କରାଯାଇଛି ବୋଲି ଆମ ନୂଆପଡ଼ା ସମ୍ବାଦଦାତା ସୂଚନା ଦେଇଛନ୍ତି।

# ଉପନିର୍ବାଚନ-କଟକଣା

ବିଭିନ୍ନ ରାଜ୍ୟରେ ହେବାକୁ ଥିବା ଆଗାମୀ ଉପନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନଙ୍କ ପାଇଁ କଟକଣା ଜାରି କରିଛନ୍ତି । ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ସାମାଜିକ ଗଣମାଧ୍ୟମ ୱେବ୍‌ସାଇଟ୍ ସମେତ କୌଣସି ଇଣ୍ଟରନେଟ୍ ଭିତ୍ତିକ ୱେବ୍‌ସାଇଟ୍‌ରେ ରାଜନୈତିକ ବିଜ୍ଞାପନ ପ୍ରକାଶ ନକରିବାକୁ କମିଶନ କହିଛନ୍ତି । ଆୟୋଗ କହିଛନ୍ତି, ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁଯାୟୀ ରାଜନୈତିକ ବିଜ୍ଞାପନଗୁଡ଼ିକର ଅନୁମୋଦନ ପାଇଁ ଜିଲ୍ଲା ଏବଂ ରାଜ୍ୟସ୍ତରରେ କମିଟି ଗଠନ କରାଯାଇଛି । ମିଡ଼ିଆ ସାର୍ଟିଫିକେଶନ ଏବଂ ତଦାରଖ କମିଟିର ବିନା ଅନୁମୋଦନରେ ବିଜ୍ଞାପନ ପ୍ରକାଶନ ଉପରେ ନିଷେଧାଦେଶ

ଜାରି କରାଯାଇଛି ।  ନିର୍ବାଚନ ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମର ପ୍ରବେଶକୁ ଦୃଷ୍ଟିରେ ରଖି ଆୟୋଗ ପ୍ରାର୍ଥୀଙ୍କୁ ନାମାଙ୍କନ ଦାଖଲ କରିବା ସମୟରେ ସେମାନଙ୍କର ପ୍ରାମାଣିକ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଗୁଡ଼ିକର ବିବରଣୀ ସଂଲଗ୍ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଗ କହିଛନ୍ତି ନିର୍ବାଚନ ଶେଷ ହେବାର ୭୫ଦିନ ମଧ୍ୟରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ସାମାଜିକ ଗଣମାଧ୍ୟମ ୱେବ୍‌ସାଇଟ୍ ସମେତ ଇଣ୍ଟରନେଟ୍ ମାଧ୍ୟମରେ ହୋଇଥିବା ପ୍ରଚାର ଖର୍ଚ୍ଚର ବିବରଣୀ ଦାଖଲ କରିବାକୁ ପଡିବ ।

## ସୁବାହକ ଯୋଜନା

ମହିଳାମାନଙ୍କୁ ସଶକ୍ତ ଓ ରୋଜଗାରକ୍ଷମ କରିବା ଲକ୍ଷ୍ୟ ନେଇ ସରକାର ରାଜ୍ୟରେ ଆତ୍ମନିର୍ଭର ମହିଳା ସୁବାହକ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରୁ ୪ ବର୍ଷରେ ୧୧ ଶହ ଜଣ ମହିଳାଙ୍କୁ କାର୍ କିଣି ଟ୍ୟାକ୍ସି ଭାବେ ବ୍ୟବହାର କରିବାକୁ ବ୍ୟାଙ୍କରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଋଣ ଯୋଗାଇ ଦିଆଯିବ।  ଋଣର କିସ୍ତି ମହିଳାମାନଙ୍କୁ ୫ ବର୍ଷରେ ସୁଝିବାକୁ ହେବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ସରକାର ଅନୁମୋଦନ କରିଛନ୍ତି। ରାଜ୍ୟର ୪ଟି ଡ୍ରାଇଭିଂ ତାଲିମ୍ ଏବଂ ଗବେଷଣା ପ୍ରତିଷ୍ଠାନରୁ ବର୍ତ୍ତମାନସୁଦ୍ଧା ୬ ହଜାର ୨୧୬ ଜଣ ମହିଳା ଡ୍ରାଇଭିଂ ଟ୍ରେନିଂ ଶେଷ କରିଛନ୍ତି। ଯୋଜନା ଅଧୀନରେ ଗାଡି କିଣା ବାବଦକୁ ୧୧୦ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଯୋଜନାର ସଠିକ୍ କାର୍ଯ୍ୟକାରିତା ନେଇ ପରିବହନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଷ୍ଟିଅରିଂ କମିଟି ଗଠନ କରାଯାଇଛି।

## ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲି କାର୍ତ୍ତିକ କୃଷ୍ଣ ନବମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଧନୁଯାତ୍ରା ମହୋତ୍ସବ

ବିଶ୍ୱର ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ ଧନୁଯାତ୍ରା ଆସନ୍ତା ଡିସେମ୍ବର ୨୪ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ୭୮ତମ ଧନୁଯାତ୍ରାର ସଫଳ ଆୟୋଜନ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ଆଦିତ୍ୟ ଗୋଏଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବରଗଡ, ଅତାବିରା, ପଦ୍ମପୁରର ବିଧାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଧନୁଯାତ୍ରାର ଐତିହ୍ୟ ଓ ମହିମାକୁ ବଜାୟ ରଖିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଧନୁଯାତ୍ରା ପାଇଁ କଳାକାର ଚୟନ ନେଇ ଏକ ଉପଦେଷ୍ଟା କମିଟି ଗଠନ କରାଯାଇଛି। ଚଳିତବର୍ଷର ଧନୁଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।

## ଚିଲିକା ପକ୍ଷୀ

ଶୀତଋତୁ ପ୍ରାରମ୍ଭରୁ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଆଗମନ ହେବାକୁ ଲାଗିଛି। ଏ ନେଇ ଚିଲିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଆବଶ୍ୟକୀୟ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଚିଲିକାକୁ ଚଳିତ ମାସ ପହିଲାରୁ ଫେବୃୟାରୀ ମଧ୍ୟରେ ସୁଦୂର ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିୟା, ମଙ୍ଗୋଲିଆ, ଚୀନ୍, ଋଷ୍, କାଜାକିସ୍ଥାନ ଏବଂ ଇରାନ୍‌ରୁ ଲକ୍ଷାଧିକ ପକ୍ଷୀ ଆଗମନ କରିଥାନ୍ତି। ପକ୍ଷୀମାନଙ୍କ ସୁରକ୍ଷା ନିମନ୍ତେ ବିଭାଗ ପକ୍ଷରୁ ୫ଟି ରେଞ୍ଜରେ ୧୧ଟି ଟିମ୍ ଗଠନ କରାଯିବା ସହ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ନେଇ ଚିଲିକା ବନ୍ୟପ୍ରାଣୀ ଡିଭିଜନର ଡିଏଫ୍‌ଓ **ଅମ୍ଳାନ ନାୟକ** କହିଛନ୍ତି।

**- V/O –**

## ପ୍ରକଳ୍ପ ଶିଳାନ୍ୟାସ

**ଭଦ୍ରକ** ଜିଲ୍ଲା ଧାମନଗର ବ୍ଲକ୍‌ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଧାମନଗର ବ୍ଲକ୍ ପଧାନୀ ଓ ବେଦପୁରରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ମନ୍ତ୍ରୀ ଶ୍ରୀ ସୂରଜ ଉଦ୍‌ଘାଟନ କରିଛନ୍ତି। ସେହିଭଳି ବିକଶିତ ଗାଁ-ବିକଶିତ ଓଡ଼ିଶା ଯୋଜନାରେ ପାଠାଗାର, ପାଣିଟାଙ୍କି, ଆନନ୍ଦପୁର, ଉତେଇପୁର ଜଗନ୍ନାଥ ମଠ ପ୍ରକଳ୍ପ, ମୁକ୍ତେଶ୍ୱର ପ୍ରାଥମିକ ବିଦ୍ୟାଳୟ ଓ ରାମରାକୁଳ ହନୁମାନ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ଦୀପାବଳି

ଦୀପାବଳି ପୂର୍ବରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବାଣ ଫୁଟାଇବା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଚଳିତବର୍ଷ ଦୀପାବଳିରେ ବାଣ ଫୁଟା ସମୟକୁ ସନ୍ଧ୍ୟା ୭ଟାରୁ ୯ଟା ଭିତରେ ସୀମିତ ରଖାଯାଇଛି। ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଛି।

## ପୋଷଣ ମାସ

**ଭଦ୍ରକ** ଜିଲ୍ଲା ସଂସ୍କୃତିଭବନଠାରେ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ଏବଂ ଭଦ୍ରକ ଜିଲ୍ଲା ସମାଜମଙ୍ଗଳ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଉତ୍ତମ ଖାଦ୍ୟ ଗ୍ରହଣ ତଥା ସୁରକ୍ଷିତ ଓ ସୁସ୍ଥ ଭବିଷ୍ୟତ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଏହି ଅବସରରେ ବିଭିନ୍ନ ବ୍ଲକ୍‌ର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଏକ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି।

ଏ ସମ୍ପର୍କରେ ପୋଷଣ ବିଶେଶଜ୍ଞ **ମଧୁସ୍ମିତା ମିଶ୍ର** ଆକାଶବାଣୀକୁ ତାଙ୍କ ପ୍ରତିକ୍ରିୟାରେ କହନ୍ତି....

**- V/O –**

## ଅନ୍ତର୍ଜାତୀୟ ଇ-ଆବର୍ଜନା ଦିବସ

ବୈଦ୍ୟୁତିକ ବର୍ଜ୍ୟବସ୍ତୁ କିମ୍ବା ଇ-ଆବର୍ଜନାକୁ ହ୍ରାସ ଏବଂ ଏହାର ପୁନଃ ବ୍ୟବହାର ନେଇ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ଅନ୍ତର୍ଜାତୀୟ ଇ-ଆବର୍ଜନା ଦିବସ ପାଳନ କରାଯାଉଛି। ୨୦୧୮ ମସିହାରୁ ପ୍ରତିବର୍ଷ

ଅକ୍ଟୋବର ମାସ ୧୪ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷର ବିଷୟବସ୍ତୁ ରହିଛି 'ନିଜସ୍ୱ ଇ-ଆବର୍ଜନାକୁ ପୁନଃଚକ୍ରଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ'। ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ସ୍ତରରେ ପରିତ୍ୟକ୍ତ ବୈଦ୍ୟୁତିକ ବର୍ଜ୍ୟବସ୍ତୁର ସଠିକ ପରିଚାଳନା ଏବଂ ପୁନଃଚକ୍ରଣ ମାଧ୍ୟମରେ ପ୍ରସ୍ତୁତ ଉତ୍ପାଦଗୁଡ଼ିକର ବ୍ୟବହାରକୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ।

## କ୍ରୀଡା ପ୍ରତିଯୋଗିତା

**ନବରଙ୍ଗପୁର** ଜିଲ୍ଲା ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଆସନ୍ତା ଗୁରୁବାରଠାରୁ ରାଜ୍ୟ ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏ ନେଇ ଆଜି ସ୍ଥାନୀୟ ବିଜୁପଟ୍ଟନାୟକ ଏସ୍‌ଟି ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ୟାଡମିଣ୍ଟନ ଓ ସିପକ୍-ଟାକ୍ରୋ ପ୍ରତିଯୋଗିତା ୧୬ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ଆୟୋଜନ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଉଭୟ ୧୪ ଓ ୧୭ ବର୍ଷରୁ କମ୍ ବାଳକ-ବାଳିକା ବର୍ଗରେ ପ୍ରତିଯୋଗିତା ଆୟୋଜନ ହେବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୮୦୦ ରୁ ଅଧିକ କ୍ରୀଡାବିତ୍ ଏଥିରେ ଅଂଶଗ୍ରହଣ କରିବେ ବୋଲି ବୈଠକ ସୂତ୍ରରୁ ଜଣାପଡିଛି।